The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

06th Jan, 2020

## ମିଳିତ ଗବେଷଣା କରିବେ ଏମ୍ସ୍ ଏବଂ ଆଇଆଇଟି

# କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୬।୧ (ଭୁ.ପ୍ର): ଏଣିକି ଭୁବନେଶ୍ୱରରେ ଥିବା ଦୁଇ ଜାତୀୟ ପ୍ରତିଷ୍ଠାନ ମିଳିତ ଭାବେ ଗବେଷଣା କରିବେ । ଆଇଆଇଟି, ଭୁବନେଶ୍ୱର ଏବଂ ଏମ୍ସ୍ ମିଳିତ ଭାବେ କର୍କଟ ରୋଗ ଠାରୁ ନେଇ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିର ସଫଳ ଚିକିତ୍ସା ତଥା ଅତ୍ୟାଧୁନିକ ଉପକରଣ ପ୍ରସ୍ତୁତି ଦିଗରେ କାମ କରିବେ । ଆଜି କେନ୍ଦ୍ର ମାନବସମ୍ବଳ ମନ୍ତ୍ରୀ ଡ଼ ରମେଶ ପୋଖରିୟାଲଙ୍କ ଉପସ୍ଥିତିରେ ଦୁଇ ଅନୁଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏମ୍ସ୍, ଭୁବନେଶ୍ୱରର ନିର୍ଦ୍ଦେଶିକା ଡ଼ା ବି. ଗୀତାଞ୍ଜଳି ଓ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର ଏଥିରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମନ୍ତ୍ରୀ ଡ଼ ପୋଖରିୟାଲ କହିଥିଲେ ଯେ ଏହି ପଦକ୍ଷେପ ବୈଷୟିକ ଶିକ୍ଷାନୁଷ୍ଠାନ ଓ ଚିକିତ୍ସା ଅନୁଷ୍ଠାନ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବ ଆଉ ଚିକିତ୍ସା ବିଜ୍ଞାନରେ ନୂଆ ସମ୍ଭାବନା ସୃଷ୍ଟି ହୋଇପାରିବ । ଆଇଆଇଟି, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର କହିଛନ୍ତି ଏହି ବୁଝାମଣା ଫଳରେ ଦେଶର ଦୁଇ ପ୍ରମୁଖ ଅନୁଷ୍ଠାନ ବାୟୋ ମେଡିକାଲ ଆପ୍ଲିକେସନ୍ ଠାରୁ ଆରମ୍ଭ କରି ଚିକିତ୍ସା ବିଜ୍ଞାନ ପର୍ଯ୍ୟନ୍ତ, ସବୁ କ୍ଷେତ୍ରରେ ମିଳିତ ଗବେଷଣା ହେବ । ଏଥିସହ ବାୟୋ-ଇଞ୍ଜିନିୟରିଂ, ପ୍ରୋ-ବାୟୋଟିକ୍ସ ଓ ବାୟୋ-ମେଡିକାଲ ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ ।




Ads by Google
Odia News Paper
Orissa Odisha